# Akashvani, Sambalpur

## SAMBALPURI NEWS BULLETIN

### 31 January 2025- 6.47- 6.52 am.

**********************************************

ସଂସଦ୍‌ର ସର୍ବଦଳୀୟ ବୈଠକ୍          ପି.ଆଇ.ବି.

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଦୁହି ସଦନ୍‌ର ମିଲିତ୍ ଅଧିବେଶନ୍‌କେ ସମ୍ବୋଧନ୍ କର୍‌ବେ । ରାଷ୍ଟ୍ରପତିଙ୍କର୍ ଭାଷଣ୍ ଉତ୍‌ରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୫ ଉପସ୍ଥାପନ୍ କର୍‌ବେ । ଅର୍ଥନୈତିକ୍ ସର୍ଭେ ରିପୋର୍ଟଥି ୨୦୨୪-୨୫ ବଛ୍‌ରେ ଘରୋଇ ଅର୍ଥ ବ୍ୟବସ୍ଥା କେନ୍ତା ଥିଲା ତାର୍ ଗୁଟେ ମୂଲ୍ୟାୟନ ତଥ୍ୟ ରହେବା ।

ଆଏଜ୍ ରିପୋର୍ଟ ଉପସ୍ଥାପନ୍ ଉତ୍‌ରୁ ଅର୍ଥମନ୍ତ୍ରୀ ଆଏବା କାଏଲ୍ ସାଧାରଣ ବଜେଟ୍ ଉପସ୍ଥାପନ୍ କର୍‌ବେ । ଇ ଅଧିବେଶନ୍‌ର ପହେଲା ଖେପ୍ ଫେବୃଆରୀ ୧୩ ତାରିଖ୍‌ତକ୍ ଚାଲ୍‌ବା । ୨ ନମ୍ବର୍ ଖେପ୍ ମାର୍ଚ୍ଚ ୧୦ ନୁ ମୁଲ୍ ହେଇକରି ଏପ୍ରିଲ୍ ୪ ତାରିଖ୍‌ତକ୍ ଚାଲ୍‌ବା ।

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଘୋନୁ ନୂଆଦିଲ୍ଲୀ ନ ଗଲାକାଏଲ୍ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ଇଥି ୩୬ ଟା ରାଜନୈତିକ ଦଲର୍ ୫୨ ଝନ୍ ସାଂସଦ୍ ଯୋଗ୍ ଦେଇଥିଲେ । ସଂସଦ୍‌ର ଅଧିବେଶନ୍‌କେ ଠିକ୍‌କରି ଚଲାବାର୍ ଲାଗି କେନ୍ଦ୍ର ସରକାର ସବୁ ରାଜନୈତିକ୍ ଦଲ୍‌ମାନଙ୍କର ସହଯୋଗ୍ ମାଗିଛନ୍ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏବା ୩ ତାରିଖ୍ ସୋମ୍‌ବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ହେବା । ଶୁଣାଣି ଲାଗି ଆଝିର୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଇଥିର୍‌ଲାଗି ସବୁନୁ ଜହ ହଜାରେ ଝନ୍ ପଞ୍ଜିକରଣ୍ କରିପାର୍‌ବେ । ଆଗ୍ରହୀ ଜନସାଧାରଣ୍ ମୁଖ୍ୟମନ୍ତ୍ରୀଙ୍କର ଜନଶୁଣାଣି ପୋର୍ଟାଲ୍ ଜନଶୁଣାଣି- ଡଟ୍-ଓଡ଼ିଶା- ଡଟ୍- ଜିଓଭି -ଡଟ୍ ଇନ୍ ଆର୍ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମାହାଲିଆ ଟୀକା I&PR

ରାଏଜେ କୁଷ୍ଠରୋଗୀମାନ୍‌କର୍ ସାଙ୍ଗେ ମିଶୁଥିବା ଲୁକ୍‌କୁ ମାହାଲିଆ ଟୀକା ଦିଆଯିବା, ସେଥିର୍‌ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଲୟ ସାଙ୍ଗେ ଆଲୋଚନା ହେଇଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । କୁଷ୍ଠରୋଗ୍‌ର ନିରାକରଣ୍ ଆର୍ ଇତାକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତରଫୁ ଜାନୁଆରୀ ୩୦ ତାରିଖ୍‌ନୁ ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ୍ ମୁଲ୍ ହେଇଛେ । ଅଭିଯାନ୍ ଫେବୃଆରୀ ୩୧ ତାରିଖ୍‌ତକ୍ ଚାଲ୍‌ବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ଠାନେ ୟୁନିଭର୍‌ସିଟି ଅଫ୍ ସାଉଥମ୍‌ଟନ୍ ଆର୍ ଭାରତୀୟ ବ୍ରିଟିଶ୍ କାଉନ୍‌ସିଲ୍‌ର ଗୁଟେ ପ୍ରତିନିଧି ଦଲ୍‌କେ ଭେଟିଛନ୍ । ୟୁନିଭର୍‌ସିଟି ଅଫ୍ ସାଉଥମ୍‌ଟନ୍ ନୂଆଦିଲ୍ଲୀ ଠାନେ ତାର୍ ପହେଲା କେମ୍ପସ୍ ଥାପ୍‌ନା କର୍‌ବାର୍‌କେ ଯାଉଥିବାର୍‌ନୁ ଇ ବାବ୍‌ଦେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆଲୋଚନା କରିଛନ୍ । ଦେଶେ ବ୍ରିଟିଶ୍ ବିଶ୍ୱବିଦ୍ୟାଲୟ ଥାପ୍‌ନା କରିକରି ଭାରତ୍ ସର୍‌କାର୍ ଦେଶର୍ ଶିକ୍ଷା ବ୍ୟବସ୍ଥାକେ ଅନ୍ତର୍ଜାତୀୟ ସ୍ତର୍‌ଥି ଆଉ ପାଦେ ଆଗ୍‌କେ ନେବାର୍‌କେ ଯାଉଛନ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ମୌନୀ ଆମାବାସ୍ୟା            ପି.ଆଇ.ବି.

ମୌନୀ ଆମାବାସ୍ୟା ଦିନ ପ୍ରୟାଗ୍‌ରାଜ୍‌ର ଭିନ୍ ଭିନ୍ ଷ୍ଟେସନ୍‌ନୁ ଦେଶର୍ ଭିନ୍ ଭିନ୍ ଜାଗାକେ ୩ ଶହ ୬୪ ଟା ଟ୍ରେନ୍ ଚାଲିଥିଲା । ପ୍ରୟାଗ୍‌ରାଜ୍ ମହାକୁମ୍ଭ ସମିଆଥି ଗୁଟେଦିନେ ଏତ୍‌କିଟେ ଟ୍ରେନ୍ ଚାଲ୍‌ବାର୍‌ଟା ଗୁଟେ ନୂଆଁ ରେକର୍ଡ୍ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଇ ସମିଆଥି ରେଲ୍‌ମନ୍ତ୍ରଣାଲୟ ତର୍‌ଫୁ ୭୭ ଟା ଲୋକାଲ୍ ଟ୍ରେନ୍ ଚଲାଚଲ୍ କରିଥିଲା । ବାହାର୍‌କେ ଯାଉଥିବା ଟ୍ରେନ୍ ମାନ୍‌କେ ଶହେ ୪୨ ଟା ଆର୍ ୨ ଶହ ୨୨ ଟା ମହାକୁମ୍ଭ ଖାସ୍ ଟ୍ରେନ୍ ଥିଲା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ବଜେଟ୍          ବର୍‌ଗଡ୍ ସମ୍ବାଦଦାତା

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏବା କାଏଲ୍ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ କର୍‌ବେ । କେନ୍ଦ୍ରୀୟ ବଜେଟ୍‌କେ ନେଇକରି ଲୁକ୍‌କର୍ ଭିତ୍‌ରେ ବହୁତ୍ ପ୍ରକାର୍ ଆଶା ଆକାଂକ୍ଷା ପ୍ରକାଶ୍ ପାଉଛେ । ଇ ବାବ୍‌ଦେ ବର୍‌ଗଡ୍‌ର ଅବସର୍‌ପ୍ରାପ୍ତ ସେନା ଅଧିକାରୀ ସରୋଜ୍ କୁମାର୍ ମହାପାତ୍ର କହିଛନ୍...

(ଭଏସ୍ ଓଭର୍- ୧- ଅବସରପ୍ରାପ୍ତ ସେନା ଅଧିକାରୀ)

ନିଯୁକ୍ତିମେଳା ସୁବର୍ଣ୍ଣପୁର୍        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସର୍କାରୀ ତାଲିମ୍ ଶିକ୍ଷାନୁଷ୍ଠାନ୍ ଠାନେ ଜିଲ୍ଲା ଦକ୍ଷତା ବିକାଶ୍ ଆର୍ ନିୟୋଜନ କାର୍ଯ୍ୟାଳୟ ତର୍ଫୁ ନିଯୁକ୍ତି ମେଳା ହେଇଯାଇଛେ । ନିଯୁକ୍ତି ମେଳାକେ ଜିଲ୍ଲାପାଳ୍ ଅନ୍ୟା ଦାସ ଉଦ୍‌ଘାଟନ୍ କରିଛନ୍ । ଅତିଥି ମାନେ ରୋଜ୍‌ଗାର୍ ଆଶାୟୀ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ସର୍କାରୀସ୍ତର୍‌ଥି ରହିଥିବା ସୁବିଧା ସୁଯୋଗ୍‌ର ପୁରା ଲାଭ୍ ନେବାର୍‌କେ ପରାମର୍ଶ ଦେଇଛନ୍ । ମେଳାଥି ୧୮ ଟା ବଡ଼ ବଡ଼ କର୍ମସଂସ୍ଥା ଯୋଗ୍ ଦେଇକରି ୪ ଶହ ୧୫ ଝନ୍ ଯୁଆନ୍ ପିଲା ଟୁକେଲ୍‌କୁ ଆବଶ୍ୟକ ପରାମର୍ଶ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏବା କାଏଲ୍ ହେବାର୍‌କେ ଥିବା ହକି ଇଣ୍ଡିଆ ଲିଗ୍‌ର ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଉରକେଲା ଠାନେ ଆଏଜ୍ ସଞ୍ଝର୍ ୬ ବଜେ ତାମିଲ୍‌ନାଡୁ ଡ୍ରାଗନ୍ସ ଆର୍ ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ପହେଲା ସେମିଫାଇନାଲ୍ ମେଚ୍ ଖେଲାଯିବା । ସେନ୍ତା ୮ ବାଜିକରି ୧୫ ମିନିଟ୍‌ଥି ସୁର୍‌ମା ହକି କ୍ଲବ୍ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ହେବା ।